**ସଂକ୍ଷେପରେ**

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଜୟପୁରର ୪ ଛାତ୍ର ମନୋନୀତ

ଜୟପୁର,୨୯।୧୧(ପବନ ପାଣିଗ୍ରାହୀ)

ମୟୂରଭଞ୍ଜରେ ହେବାକୁ ଥିବା ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ୨୦୨୪-୨୫ରେ ଜୟପୁରର ବିଭିନ୍ନ ବିଦ୍ୟାଳୟରୁ ୪ ଛାତ୍ର ମନୋନୀତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟ ୬ଦିନ ଧରି ଚାଲିବ। ଚୟନ ହୋଇଥିବା ଛାତ୍ର କୋରାପୁଟ ସରକରୀ ଉଚ୍ଚ ବିଦ୍ୟାଳୟରେ ନଭେମ୍ବର ୨୯ରେ ପହଞ୍ଚି ତାଲିମ ନେବା ପରେ ୩୦ରେ ମୟୂରଭଞ୍ଜ ଅଭିମୁଖେ ଯିବେ। ଜୟପୁର ଜଗଦୀଶଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶୁଭମ ମହାନ୍ତି, ପ୍ରଜେକ୍ଟ ହାଇସ୍କୁଲର ଇମ୍‌ରାନ ବାରିକ, ଚନ୍ଦନବାଡ ସରକାରୀ ପେର ଉଚ୍ଚ ବିଦ୍ୟାଳୟର ତନ୍ମୟ ଚୌଧୁରୀ ଓ ଶୁଭମ ସତପଥୀ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଲିପିକା ପାତ୍ର, ପିଇଟି ଶିକ୍ଷକ ଛବିରାଣୀ ସାହୁ, ସୁସ୍ମିତା ରଥ, ସୁଜୀତ ନାୟକ,ସୁପ୍ରଭା ମହାଙ୍କୁଡ, ସୁଚସ୍ମିତା ଜେନା ଓ ସୀମା ଜୟଧର ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାର୍ଷିକ କ୍ରୀଡ଼ା ଦିବସ ପାଳିତ

ଲମତାପୁଟ,୨୯।୧୧(ଭକ୍ତ ରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମେସିଙ୍ଗପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ତୁଷୁବା ଗ୍ରାମ ଶିବ ମନ୍ଦିରରୁ ମଶାଲ ନେଇ ଏକ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟ ପ୍ରାଙ୍ଗଣ ଖେଳ




ପଡିଆରେ ପହଞ୍ଚିଥିଲେ। ଖେଳ ଶିକ୍ଷକ ସରୋଜ ପାଇକ ଖେଳ ପରିଚାଳନା କରିଥିବା ବେଳେ ୧୦୦ମିଟର, ୨୦୦ ଓ ୧୫୦୦ମିଟର ଦୌଡ଼ ଉଚ୍ଚଡିଆଁ, ଲମ୍ବଡିଆଁ, ଅଖା ଦୌଡ଼ ଆଦି ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ଅନ୍ତର୍ଜାତୀୟ ଭାରତ୍ତୋଳନ ପ୍ରତିଯୋଗୀ ପ୍ରମିଳା କ୍ରିଷନୀ, ଭିଏମ୍‌ଡିସି ସଭ୍ୟ ପ୍ରତାପ ନାୟକ,ସମାଜିକକର୍ମୀ ଆଦିତ୍ୟ ବାବୁ, ପ୍ରିନ୍‌ସିପାଲ ସାଗର କୁମାର ବେହେରା ଓ ବ୍ଲକ ଶିକ୍ଷାଧିକାରୀ ସୁବ୍ରତ କିସ୍କୋ ପ୍ରମୁଖ ଯୋଗ ଦେଇଥିଲେ ।

## ଚୋରି ମାମଲାରେ ୨ ଗିରଫ

ଲକ୍ଷ୍ମୀପୁର, ୨୯।୧୧(ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ୍ କାକୀରିଗୁମା ଥାନା ପୋଲିସ ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୋରଗୁଡ଼ା ଗ୍ରାମର ସାଲମନ୍ ଖରା(୨୪) ଓ କୋରାପୁଟ ସଦର ଡଙ୍ଗାୟପୁଟର ହରି ନାୟକ(୩୦)। ନଭେମ୍ବର ୭ରେ ପଞ୍ଜାଡା ପଞ୍ଚାୟତର କଣ୍ଟା ମାଲିଗୁଡ଼ା ଗ୍ରାମର ହରେକୃଷ୍ଣ ନାୟକ ପାଣି ମୋଟର ଚୋରି ହୋଇଥିବା କକିରିଗୁମା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଦମ୍ବରୁ ଧର ବଡ୍ରାୟା ତଦନ୍ତ ଜାରି ରଖିଥିବା ବେଳେ ୩ ପାଣି ମୋଟର ପୋଲିସ ଜବତ କରିଛି।

# ଶୁଭାରମ୍ଭ ହେଲା ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି/କୋରୁକୋଣ୍ଡା,୨୯।୧୧
(ଦୁର୍ଯ୍ୟୋଧନ ପାତ୍ର/ ଶିବଦତ୍ତ ସାହୁ)

- କୋରୁକୋଣ୍ଡା ଜଳେଶ୍ୱର ନଦୀରୁ ପବିତ୍ର ଜଳ ସଂଗ୍ରହ
- କଳସଯାତ୍ରାରେ ଭାଗନେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ

ମାଲକାନଗିରି ଲୋକ ମହୋତ୍ସବ 'ମାଲ୍ୟବନ୍ତ' ଶୁକ୍ରବାର ଶୁଭାରମ୍ଭ ହୋଇଛି। ମାଲକାନଗିରି ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ କୋରୁକୋଣ୍ଡା ସଦର ବ୍ଲକ୍ ଜଳେଶ୍ୱର ନଦୀରୁ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ଅନେକ ହଜାର ଆଦିବାସୀ ଯୁବତୀଯୁବକ ନିଜର ପାରମ୍ପରିକ ବେଶ ପୋଷାକରେ ସଜେଇହୋଇ ଏହି ଶୁଭ ମୁହୂର୍ତ୍ତକୁ ସ୍ୱାଗତ କରିଥିଲେ। ଶଙ୍ଖ, ହୁଳହୁଳିରେ ମୁଖରିତ ହୋଇ ଉଠିଥିଲା ସମଗ୍ର ଅଞ୍ଚଳ। ବାଦ୍ୟ ଓ ଗୀତର ତାଳେ ତାଳେ ଆଦିବାସୀମାନେ ନୃତ୍ୟକରି ଏକ ବିରାଟ ଶୋଭାଯାତ୍ରାରେ ଜଳେଶ୍ୱର ନଦୀଠାରୁ ବାହାରି କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ମାଲକାନଗିରି ଅଭିମୁଖେ ଆସୁଥିବା ଯାତ୍ରାକୁ କୋରୁକୋଣ୍ଡା ବିଡିଓ ସୁଜିତ କୁମାର ମିଶ୍ର, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡିଙ୍କ ସହ ବ୍ଲକର ସମସ୍ତ ପଦାଧିକାରୀ, କର୍ମଚାରୀ, ଜନ ପ୍ରତିନିଧିମାନେ କଳସକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ମାଲକାନଗିରିରେ ପହଞ୍ଚିବା ପରେ ଜିଲା ସଦର ମହକୁମାସ୍ଥିତ ଭୈରବ ମନ୍ଦିରଠାରୁ କଳସଗୁଡ଼ିକୁ ଆଡମ୍ବର ସହକାରେ ସହର ପରିକ୍ରମା କରାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସଦର ମହକୁମାର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ଏହି କଳସକୁ ଆସନ୍ତା ଡିସେମ୍ବର ୧୩



କୋରୁକୋଣ୍ଡା ବ୍ଲକ୍ ଜଳେଶ୍ୱର ନଦୀ ତଟରେ କଳସପୂଜା କରାଯାଉଛି।


ମାଲକାନଗିରି ଯାଉଥିବା କଳସ ଶୋଭାଯାତ୍ରା।

ତାରିଖରେ ଏକ ଶୋଭାଯାତ୍ରାରେ ନିଆଯାଇ ମାଲ୍ୟବନ୍ତ ମୁଖ୍ୟ ମଣ୍ଡପରେ ସ୍ଥାପନ କରାଯିବ। ଶୋଭଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ମାଲକାନଗିରି ତହସିଲଦାର ଟୁକୁନି ପୁଟା, ମାଲକାନଗିରି ବିଡିଓ ତପନ କୁମାର ସେନାପତି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସହ ଜିଲାସ୍ତରୀୟ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ଜୟପୁରରେ ଲମ୍ୟାନ୍‌ର ପ୍ରଥମ ଷ୍ଟୋର



ଭୁବନେଶ୍ୱର,୨୯।୧୧(ଅଭୟ ଦାଶ)

କେୱାଲ କିରଣ କ୍ଲଥିଙ୍ଗ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ପୁରୁଷମାନଙ୍କର ଏକ ସୁଲଭ ଫ୍ୟାଶନ ବ୍ରାଣ୍ଡ ଲମ୍ୟାନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ନିକଟରେ କୋରାପୁଟର ଜୟପୁର ସହରରେ ଉଦ୍‌ଘାଟିତ ହୋଇଯାଇଛି। ଜୟପୁର ସହରରେ ଲମ୍ୟାନ୍‌ର ଏହା ପ୍ରଥମ ଷ୍ଟୋର ହୋଇଥିଲାବେଳେ ସୁଲଭ ବିଳାସ ଉପରେ ଧ୍ୟାନଦେଇ ଆଧୁନିକ, ଆରାମଦାୟକ ଏବଂ ଅନ୍ ଟ୍ରେଣ୍ଡ ପୋଷାକର ଏକ ପ୍ରଭାବଶାଳୀ ଚୟନ ଏଠାରେ ଉପଲବ୍ଧ ହେଉଛି, ଯାହା ଆଜିର ସମସାମୟିକ ପୁରୁଷଙ୍କ ଚାହିଦା ପୂରଣ କରିବା ପାଇଁ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ସେହିଭଳି ୧୦୦୦ ବର୍ଗ ଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ନୂତନ ଷ୍ଟୋର ପୁରୁଷ ଫ୍ୟାଶନ ତଥା ଷ୍ଟାଇଲ ଏବଂ ମାନକୁ ନେଇ ଏକ ବୃହତ୍ ଆଉଟଲେଟ ଭାବେ ପରିଗଣିତ ହୋଇଛି। ଏଥିରେ ଅତି ଯତ୍ନର ସହ ପ୍ରସ୍ତୁତ ହୋଇଥିବା ଲାଟେଷ୍ଟ ଟ୍ରେଣ୍ଡ ତଥା ଆଧୁନିକ କପଡ଼ାର ସମ୍ଭାର ସାମିଲ ରହିଛି। ଏପରିକି ଉପଯୁକ୍ତ ଫିଟ୍ ଉପରେ ଗୁରୁତ୍ୱ ଦେଇ ଷ୍ଟୋର୍ ଏକ ବହୁମୁଖୀ ୱାର୍ଡରୋବ୍ ସମାଧାନ ପ୍ରଦାନ କରୁଛି। ଏଥିରେ ସର୍ଟସ ଓ ଟି-ଶାର୍ଟଠାରୁ ଆରମ୍ଭକରି ଜିନ୍ସ, କାଜୁଆଲ ଶାର୍ଟ, ଟ୍ରାଉଜର ଏବଂ ଷ୍ଟାଇଲିଶ୍ ଫ୍ୟାଶନ ପ୍ୟାଣ୍ଟ ଆଦି ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ କେୱାଲ କିରଣ କ୍ଲଥିଙ୍ଗ ଲିମିଟେଡ୍ ନିର୍ଦ୍ଦେଶକ ଦିନେଶ ଜୈନ କହିଛନ୍ତି, ଜୟପୁରଠାରେ ଆମେ ଆମର ପ୍ରଥମ ଷ୍ଟୋରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ବଜାରରେ ପ୍ରବେଶକରି ଆମେ କେବଳ ଉଚ୍ଚମାନର ପୋଷାକ ଯୋଗାଇବା ନୁହେଁ ବରଂ ବାଣିଜ୍ୟ ଓ ସୃଜନଶୀଳତାର ବୃଦ୍ଧି ପାଉଥିବା କେନ୍ଦ୍ର ଭାବେ ଜୟପୁରର ଭୂମିକାକୁ ସ୍ୱୀକୃତି ଏବଂ ସ୍ଥାନୀୟ ସମୁଦାୟ ସହ ଯୋଡ଼ିହେବାକୁ ଲକ୍ଷ୍ୟ ରଖିଛୁ।

## ବ୍ଲକ୍‌ସ୍ତରୀୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



ତାଲିମ ନେଉଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଗୋବିନ୍ଦପାଲି, ୨୯।୧୧ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍‌ର ସମସ୍ତ ପ୍ରାଥମିକ ବିଦ୍ୟାଳୟରୁ ୪୪ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏଫ୍‌ଏଲ୍‌ଏନ୍ ଶିକ୍ଷଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପ୍ରଥମ ପର୍ଯ୍ୟାୟର ବ୍ଲକ୍‌ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଖଇରପୁଟ ନିକଟସ୍ଥ ଲମତାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଆଧାରିତ ପ୍ରୟୋଗ ନାମକ ୩ ଦିନିଆ ତାଲିମ କାର୍ଯ୍ୟକ୍ରମକୁ ଏବିଇଓ ବୀରେନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ତାଲିମ କେନ୍ଦ୍ରରେ ଭେନ୍ୟୁ ଇନ୍‌ଚାର୍ଜ ଭାବେ ବୀରେନ୍ଦ୍ର ପ୍ରଧାନ ଥିବାବେଳେ ରିସୋର୍ସ ପର୍ସନ ରଘୁନାଥ ହେନ୍ତାଳ, ସୁପ୍ରଭା ବିଶ୍ୱାଳ, ନର୍ମଦା ଥାମାରା, ଦାମୋଦର ସାହୁ ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ସମୟରେ ସେମାନଙ୍କ ପାଇଁ ଶିକ୍ଷଣ କାର୍ଯ୍ୟ କିପରି କରାଯିବା ଆବଶ୍ୟକ, କେଉଁ କେଉଁ ଦକ୍ଷତା ଆଧାରରେ ପାଠ୍ୟ ଯୋଜନା ପ୍ରସ୍ତୁତ କରାଯିବ, କ'ଣ କଲେ ପିଲାମାନେ ଆଗ୍ରହର ସହ ଶିକ୍ଷଣ କାର୍ଯ୍ୟରେ ମନ ଦେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ତାଲିମ ଚାଲିଥିବା ସମୟରେ ବିଆର୍‌ସିସି ଶିବାନୀ ମୁଦୁଲି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ ତାଲିମ କେନ୍ଦ୍ର ପରିଦର୍ଶନକରି ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି ଏହି ବ୍ଲକ୍‌ର ଶିକ୍ଷା ବିଭାଗର ବିଭିନ୍ନ ତାଲିମ ପାଇଁ ସ୍ମାର୍ଟ ବୋର୍ଡ ଥିବା ଏକ ସ୍ୱତନ୍ତ୍ର ତାଲିମ ଗୃହ ନ ଥିବାରୁ ବିଭିନ୍ନ ପ୍ରତିକୂଳ ପରିବେଶରେ ବିଦ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଉଥିବା ଦେଖିବାକୁ ମିଳୁଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିରି,୨୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୧୯୯୮ରୁ କେନ୍ଦ୍ର ସରକାର ଓ ଅନ୍ୟ ସବୁ ରାଜ୍ୟ ସରକାର ସେମାନଙ୍କ ପେନ୍‌ସନଧାରୀମାନଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଦେଇ ଆସୁଛନ୍ତି। ହେଲେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୧୮ ବର୍ଷର ଧାରାବାହିକ ସ୍ମାରକପତ୍ର ପ୍ରଦାନ ସତ୍ତ୍ୱେ ସରକାର ଉଦାସୀନ ମନୋଭାବ ପୋଷଣ କରି ଚାଲୁଛନ୍ତି। ରାଜ୍ୟର ୩.୫ ଲକ୍ଷ ପେନ୍‌ସନଧାରୀଙ୍କ ଅବଦାନକୁ ଭୁଲି ୩୫/୪୦ ବର୍ଷ ପରେ କେବଳ ପେନ୍‌ସନ ଦେଇ ବାର୍ଦ୍ଧକ୍ୟରେ ରୋଗବ୍ୟାଧୀ ପାଇଁ ଚିକିତ୍ସା, ଔଷଧ ଓ ଯନ୍ତ୍ରଣା ପାଇଁ ଜରୁରୀ ଆବଶ୍ୟକଦିଗ ପ୍ରତିଦୃଷ୍ଟିନ ଦେଇ ଚୁପ୍ ହୋଇ ବସିଛନ୍ତି। ସେହିପରି ୧୯୯୦ରୁ ପେନ୍‌ସନ ଓ ସାଧାରଣ ଅଭିଯୋଗ ସମସ୍ୟାର ଆଶୁ ସମାଧାନ ପାଇଁ ଗଠନ ହୋଇଥିବା ସ୍ୱତନ୍ତ୍ର ବିଭାଗ ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ ବିଭାଗକୁ ଅଚାନକ ଭାବେ ୨୦୧୭ ଏପ୍ରିଲରେ ଉଚ୍ଛେଦ କରିଥିଲେ। ଫଳରେ ପେନ୍‌ସନଧାରୀଙ୍କ ସମସ୍ୟା ବଢ଼ିଚାଲିଛି। ତେଣୁ ପେନ୍‌ସନ ବିଭାଗ ପୁନଃ ସ୍ଥାପନ କରାଗଲେ ଉପୁଜୁଥିବା ସମସ୍ୟାର ଆଶୁ ସମାଧାନ ହୋଇପାରିବ। କେନ୍ଦ୍ର ଅନୁରୂପ ପେ ମାଟ୍ରିକ୍ସ ଆଧାରରେ ପେନ୍‌ସନ ନିର୍ଦ୍ଧାରଣ, ସର୍ବନିମ୍ନ ପେନ୍‌ସନ, କ୍ୱାଲିଫାଇଂ ସର୍ଭିସ୍ ୨୦ ବର୍ଷକୁ ହ୍ରାସ, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ କରାଯିବା, କୋଭିଡ୍ ସମୟରେ ବକେୟା ଥିବା ୧୮ ମାସର ଡିଆର୍ ପ୍ରଦାନ କରିବା, କୋଭିଡ୍ ସମୟରୁ ବନ୍ଦଥିବା ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ, ରାଜ୍ୟର ମୋ ବସ୍ ଭଳି, ସରକାରୀ ଓ ବେସରକାରୀ ବସ୍‌ରେ ବରିଷ୍ଠ ନାଗରିକଙ୍କୁ ରିହାତି ପ୍ରଦାନ କରିବା ଇତ୍ୟାଦି ଦାବି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବାଲାରାଜୁ ପାଢ଼ୀ, ସମ୍ପାଦକ ଅଶୋକ ସାମଲ, ପୂର୍ବତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସହ ୩୦ ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।


ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

## ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷରେ ଖଲାସ

### ଗଞ୍ଜେଇ ଚାଲାଣ ମାମଲା

ଜୟପୁର,୨୯।୧୧(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ ୨ ଅଭିଯୁକ୍ତଙ୍କୁ ଜିଲା ଦୌରାଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୦ ଅଗଷ୍ଟ ୧୩ରେ ବୈପାରିଗୁଡା ଥାନା ସବ୍‌ଇନ୍‌ସପେକ୍ଟର ନରସିଂହ ପାଢି ପାଟ୍ରୋଲିଂ କରୁଥିବା ସମୟରେ ମାଲକାନଗିରିରୁ ବୈପାରିଗୁଡା ଅଭିମୁଖେ ଏକ ବୋଲେରୋ(ଓଡି-୧୦ଇ-୨୫୮୫)କୁ ଯାଞ୍ଚ କରାଯାଇଥିଲା। ସେଥିରୁ ୨୪ ପ୍ୟାକେଟ ତଥା ୫ କୁଇଣ୍ଟାଲ ୧୧ କେଜି ଗଞ୍ଜେଇ ବାହାରିବାରୁ ବୈପାରିଗୁଡା ବ୍ଲକ୍‌ର ଭଗବାନ ଗୌଡ଼ ଓ ପ୍ରହଲ୍ଲାଦ ଖରାଙ୍କୁ ଗିରଫ କରି ଗାଡି ଓ ଗଞ୍ଜେଇ ଜବତ କରାଯାଇଥିଲା। ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ ୮ଜଣଙ୍କ ସାକ୍ଷ୍ୟ ପ୍ରମାଣ ଶୁଣିବା ପରେ ଶୁକ୍ରବାର ୨ଜଣଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନାନାଜି ଆଚାରୀ ମକଦ୍ଦମା ଲଢିଥିଲେ।

# କୋରାପୁଟରେ ପାରଦ ୮ ଡିଗ୍ରୀକୁ ଖସିଲା

**କାର୍ଯ୍ୟକାରୀ ହେଲା ଆଶ୍ରୟସ୍ଥଳୀ**

କୋରାପୁଟ,୨୯।୧୧(ଅମିତାଭ ବେହେରା)

କୋରାପୁଟରେ ଶୀତର ପ୍ରଭାବ ବୃଦ୍ଧି ପାଇବା ଓ ପାରଦ ୮ ଡ଼ିଗ୍ରୀକୁ ଖସିବାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଅସହାୟଙ୍କ ପାଇଁ ୩୦ ଶଯ୍ୟା ବିଶିଷ୍ଟ ରାତ୍ରି ବିଶ୍ରାମ ଆଶ୍ରୟସ୍ଥଳୀ କାର୍ଯ୍ୟକାରୀ କରାଯାଇଛି। ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶ କ୍ରମେ ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଗାନ୍ଧିନଗରସ୍ଥିତ କଲ୍ୟାଣୀ ମଣ୍ଡପରେ ଆଶ୍ରୟସ୍ଥଳ କରାଯାଇଛି। ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେସନ ଏବଂ ଚିକିତ୍ସାଳୟ ଅଞ୍ଚଳ ବାହାରେ ଥଣ୍ଡାରେ ରହୁଥିବା ବ୍ୟକ୍ତିମାନଙ୍କୁ ଆଶ୍ରୟସ୍ଥଳକୁ ନେବା ପାଇଁ ଏକ ଅଟୋ ନିୟୋଜିତ କରାଯାଇଛି। ଗୁରୁବାର କୋରାପୁଟରେ ପାରଦ ୮.୮ ଡିଗ୍ରୀକୁ ଖସିଥିବା ବେଳେ ଶୁକ୍ରବାର ପାରଦ ୯.୪ ଡିଗ୍ରୀ ଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି।


ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଆଶ୍ରୟସ୍ଥଳ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଜୟପୁର,୨୯।୧୧(ପବନ ପାଣିଗ୍ରାହୀ)

ଜୟପୁର କ୍ରୀଡ଼ା କମ୍ପ୍ଲେକ୍ସରେ ପରବ ଅବସରରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏବିଡିଓ ମନୋଜ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ, ତହସିଲଦାର ସବ୍ୟସାଚୀ ଜେନା ଓ ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ, ଦିବାକର ସାହୁ, ଭୀମ ବେହେରା, ନାରାୟଣ ଭଞ୍ଜ, ତରଙ୍ଗଲତା ଷଡ଼ଙ୍ଗୀ, ଜି.ରାଜେଶ୍ୱରୀ, ଅନିଲ ପତି, ବିନୋଦ ତ୍ରିପାଠୀ ଓ ଜି. କୋଟି ସହଯୋଗ କରିଥିଲେ। ଦୌଡ଼,ଶଟ୍‌ପୁଟ, ଲମ୍ବଡିଆଁ, ଉଚ୍ଚଡିଆଁ, ସୁଇମିଂ ଆଦି ପ୍ରତିଯୋଗିତା ହୋଇଥିଲା। କୋରାପୁଟ ଜିଲାର ୧୪ ବ୍ଲକ୍‌ରୁ ୧୯୮ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସୁଇମିଂରେ ୪୧ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।



# କୁଇଣ୍ଟାଲେ ଗଞ୍ଜେଇ ଜବତ,ଜଣେ ଗିରଫ

ସୁନାବେଡା/ସେମିଳିଗୁଡା,୨୯।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ନନ୍ଦପୁର ରାସ୍ତା ବିଲେଇଗୁଡ଼ା ଛକ ନିକଟରେ ଗଞ୍ଜେଇ ନେଇ ଯାଉଥିବା ଏକ ଗାଡ଼ିକୁ ପୋଲିସ ଜବତ କରି ଜଣଙ୍କୁ ଗିରଫ କରିଛି। ସେମିଳିଗୁଡା ଥାନା ଏସ୍‌ଆଇ ବାବାଜୀ ଚରଣ କୁହଁର ସହକର୍ମୀଙ୍କ ସହ ଦିନରେ ପେଟ୍ରୋଲିଂ କରୁଥିବା ବେଳେ ବିଲେଇଗୁଡ଼ା ଛକ ନିକଟରେ ପଞ୍ଚର୍ ହୋଇଥିବା ଗୋଟିଏ ପିକଅପ ଭ୍ୟାନ୍(ଓଡ଼ି-୦୭ ଏଏମ-୧୨୦୯) ଡ୍ରାଇଭରଙ୍କୁ ସନ୍ଦେହରେ ପଚାରଉଚାର କରିବା ବେଳେ ସେ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ଧରି ଗାଡି ଯାଞ୍ଚ କରିବାରୁ ଡାଲାରେ ଥିବା ପ୍ଲାଷ୍ଟିକ ପରିବା ଟ୍ରେ ତଳେ ୧୦ଟି ପ୍ୟାକେଟ ପାଇଥିଲା। ସେଥିରେ ଏକ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଛି। ରାଜସ୍ୱ ବିଭାଗ ଦୁଇ ସରକାରୀ ସାକ୍ଷ ଗୁପ୍ତ ପ୍ରସାଦ ଦାସ ଏବଂ ଅନୁପ କୁମାର ନାଗଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ,ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା। ସେ ହେଲେ ସେମିଳିଗୁଡା ବ୍ଲକ୍ କଲୋନୀର ଆଦିତ୍ୟ ରାଉତ(୨୦)। ଗାଡ଼ିରେ ଓଡ଼ିଶାର ନମ୍ବର ପ୍ଲେଟ ଲାଗିଥିବା ବେଳେ ଗାଡି ଭିତରେ ମହାରାଷ୍ଟ୍ରର ଆଉ ୨ ନମ୍ବର ପ୍ଲେଟ ଥିଲା। ଏନେଇ ସେମିଳିଗୁଡା ଥାନାରେ କେସ୍ ନଂ ୧୩୫/୨୪ ରେ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଗଞ୍ଜେଇ ପ୍ୟାକେଟ୍।

# ଘରୋଇ ତମ୍ବୁ ବ୍ୟବହାରରେ କଟକଣା

ପଟ୍ଟାଙ୍ଗି,୨୯।୧୧(ଶରତ କୁମାର ଧଳ)

**ଦେଓମାଳି ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ନୋଟିସ ଜାରି**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ତଥା କୋଟିଆ ପଞ୍ଚାୟତ ଅଧୀନ ଦେଓମାଳି ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ଘରୋଇ ତମ୍ବୁ ବ୍ୟବହାର ନେଇ ଉପଜିଲାପାଳ ବେଣୁଧର ଶବର କଟକଣା ଲଗାଇଛନ୍ତି। ଏ ନେଇ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରାଯାଇଛି। ପୂର୍ବରୁ ଘରୋଇ ତମ୍ବୁ ନ ଆଣିବା ଏବଂ ସରକାରୀ ତମ୍ବୁ ବ୍ୟବହାର କରିବା ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ଜରିଆରେ ଅବଗତ କରାଯାଇଥିଲା। କିନ୍ତୁ ପର୍ଯ୍ୟଟକ ଏହାକୁ ଅଣଦେଖା କରିଥିବାରୁ ଉପଜିଲାପାଳ ସମସ୍ତ ପର୍ଯ୍ୟଟକଙ୍କୁ ବାହାରୁ ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ତମ୍ବୁ ନ ଆଣିବା ପାଇଁ କଡ଼ାକଡ଼ି କଟକଣା ଲଗାଇଛନ୍ତି। ଏହାକୁ ଉଲ୍ଲଘଂନକଲେ ଜରିମାନା ଦେବାକୁ ପଡ଼ିବ ବୋଲି ଏକ ନୋଟିସ(ନଂ. ୯୦୯୪/୨୪) ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୧ରେ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତର ମିଳିତ ସହଯୋଗରେ ଦେଓମାଳିରେ ଅଳ୍ପ ଟଙ୍କାରେ ତମ୍ବୁ, ପାଣି ବୋତଲ ଏବଂ ସ୍ନାକ୍ସ ଯୋଗାଇଦେବା ନେଇ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ତମ୍ବୁ ଯୋଗାଇଥିଲେ ମଧ୍ୟ କେତେଜଣ ପର୍ଯ୍ୟଟକ ନିୟମକୁ ଉଲ୍ଲଂଘନ କରିଥିବା ନଜର ରହିଛି। ଦେଓମାଳି ପରବ ଉତ୍ସବରେ ଯୋଗଦେଇଥିବା ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ କୋଟିଆ ସରପଞ୍ଚ ଲିଥୁ ଗେମେଲ ବ୍ୟକ୍ତିଗତ ଭାବେ ସାକ୍ଷାତକରି ପର୍ଯ୍ୟଟକ ସରକାରୀ ତମ୍ବୁ ବ୍ୟବହାରକରିବା ନେଇ ଆଲୋଚନାକରିବା ସହ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଏକ ପ୍ରସ୍ତାବ ଦେଇଥିଲେ। ସରପଞ୍ଚଙ୍କ ପ୍ରସ୍ତାବକୁ ଗୁରୁତର ସହ ନେଇ ଜିଲା ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଛି। ପର୍ଯ୍ୟଟକ ନିୟମ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।



